# Akashvani, Sambalpur

# SAMBALPURI NEWS EVENING BULLETIN

# 16 October 2026-7.02- 7.12 pm.

---

୧- ଓଡ଼ିଶାନୁ ବିଦାୟ ନେଲେ ଆଘର୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ।

- ରାଜ୍ୟର୍ ବିକାଶ୍ ଲାଗି ତାଙ୍କର୍ ମାର୍ଗଦର୍ଶନ୍ ଅବିସ୍ମରଣୀୟ ହେଇକରି ରହେବା -କହେଲେ ମୁଖ୍ୟମନ୍ତ୍ରୀ ।

୨- ସର୍ପଂଚ୍ ଆଉ ନାଏବ୍ ସରପଂଚ୍ ମାନ୍‌କର୍ ୬ ମାସର୍ ସମ୍ମାନ୍ ରାଶି ମଞ୍ଜୁର୍ କଲେ ରାଜ୍ୟ ସର୍କାର୍ ।

୩- ରାଜ୍ୟର୍ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ଶପଥ୍ ନେଲେ ନବନିର୍ବାଚିତ୍ ଛାତ୍ରସଂସଦ୍ ସଦସ୍ୟ ।

ଆଉର୍

୪- ରାଜ୍ୟସ୍ତରୀୟ ୧୪ ବଛର୍‌ନୁ କମ୍ ବାଳକ ବିଦ୍ୟାଳୟ ସମୂହ ଫୁଟ୍‌ବଲ୍ ପ୍ରତିଯୋଗିତାଥି ସୁନ୍ଦର୍‌ଗଡ୍ ଚମ୍ପିଆନ୍ ।

ରାଜ୍ୟପାଲ୍ ଆର୍ଏନ୍ୟୁ/ ସମ୍ବଲପୁର

ବିଦାୟୀ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଆଏଜ୍ ଲୋକଭବନ୍ ଛାଡ଼୍ବାର୍ ବେଲ୍କେ ତାଙ୍କୁ ଗାର୍ଡ଼ ଅଫ୍ ଅନର୍ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ବିଦାୟୀ ରାଜ୍ୟପାଲ୍ଙ୍କୁ ସମ୍ବର୍ଦ୍ଧନା ଜନେଇଛନ୍ । ଓଡ଼ିଶାର୍ ବିକାଶ୍ ଲାଗି ତାଙ୍କର୍ ମାର୍ଗଦର୍ଶନ୍ ସବୁବେଲେ ଅବିସ୍ମରଣୀୟ ହେଇକରି ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେଆଡ଼େ ପର୍ଦିନ ଓଡ଼ିଶାର୍ ନୂଆଁ ରାଜ୍ୟପାଲ୍ ଭାବେ ବ୍ରଜମୋହନ୍ ରାମ୍ ଶପଥ୍ ନେବେ । ଇଥିର୍ଲାଗି ଆଏବା କାଏଲ୍ ସେ ଓଡ଼ିଶା ପୁହୁଁଚିବେ ।

ମୁଖ୍ୟମନ୍ତ୍ରୀ-ଏସୀୟ କ୍ରୀଡ଼ା ଆର୍ଏନ୍ୟୁ/ ସମ୍ବଲପୁର

ଏସୀୟ କ୍ରୀଡ଼ାଥି ସ୍ୱର୍ଣ୍ଣପଦକ୍ ଜିତିଥିବା ଭାରତୀୟ ମହିଲା ଆଉ ପୁରୁଷ ହକି ଦଲର୍ ସମ୍ବର୍ଦ୍ଧନା ସମାରୋହ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଛେ । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । ଆଉ କିଛି ସମିଆ ଉତ୍ରୁ ମୁଖ୍ୟମନ୍ତ୍ରୀ ସମାରୋହକେ ଉଦ୍‌ବୋଧନ୍ ଦେବାର୍ ସହେତେ ସ୍ୱର୍ଣ୍ଣପଦକ୍ ବିଜେତା ଖେଲାଲିମାନ୍‌କୁ ସମ୍ବର୍ଦ୍ଧିତ୍ କର୍‌ବେ ।

ସରପଂଚ୍ -ସମ୍ମାନ୍ ରାଶି        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ସର୍‌ପଂଚ୍ ଆଉ ନାଏବ୍ ସରପଂଚ୍ ମାନ୍‌କର୍ ୬ ମାସର୍ ସମ୍ମାନ୍ ରାଶିକେ ଆଏଜ୍ ମଞ୍ଜୁର୍ କରିଛନ୍ । ଇଥିର୍‌ଲାଗି ମୁଖ୍ୟମନ୍ତ୍ରୀ ମୋଟ୍ ୫୬ କୋଟି ୫୫ ଲାଖ୍ ୭୨ ହଜାର୍ ଟଙ୍କା ମଞ୍ଜୁର୍ କରିଛନ୍ । ଜନପ୍ରତିନିଧି ମାନେ ପିଛିଲା ଭାବେ ୧ ଏପ୍ରିଲ୍ ୨୦୨୬ ନୁ ୩୦ ସେପ୍ଟେମ୍ବର୍ ୨୦୨୬ ତକ୍ ୬ ମାସର୍ ସମ୍ମାନ୍ ରାଶି ପାଏବେ । ସର୍‌ପଂଚ୍ ମାନେ ୧୦ ହଜାର୍ ଟଙ୍କା ଆଉ ନାଏବ୍ ସରପଂଚ୍ ମାନେ ୪ ହଜାର୍ ଟଙ୍କା ଲେଖା ପାଏବେ ।

ଉପମୁଖ୍ୟମନ୍ତ୍ରୀ-ସମୀକ୍ଷା ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ମହିଲା ଆଉ ଶିଶୁ ବିକାଶ୍ କ୍ଷେତ୍ରଥି ରାଜ୍ୟର୍ ଲକ୍ଷ୍ୟ ଧାରିଜ୍ ଆଉ ତୁର୍‌ତି କାର୍ଯ୍ୟାନ୍ୱୟନ୍ ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ନ ହେଇଥିବା ବୈଠକ୍‌ଥି ବିଭାଗ୍‌ର ଆକ୍ସନ୍ ପ୍ଲାନ୍ ବାବ୍‌ଦେ ଆଲୋଚନା କରାଯାଇଛେ । ବିଭାଗ୍ ତର୍‌ଫୁ ଧାରିଜ୍ ଲକ୍ଷ୍ୟର୍ ସଫଲ୍ ରୂପାୟନ୍, ଆନ୍ତଃବିଭାଗୀୟ ତାଲ୍‌ମେଲ୍ ବଢ଼ାବାର୍ ଆଉ କାମ୍ କାଜ୍‌କେ ତୁର୍‌ତି କର୍‌ବାର୍ ଲାଗି ଖୋବ୍ ଜଲ୍‌ଦି ୪ ଟା ବିଷୟବସ୍ତୁକେ ନେଇକରି ଗୁଟେ ରାଜ୍ୟସ୍ତରୀୟ ସମ୍ମିଳନୀର୍ ଆୟୋଜନ୍ କରାଯିବା ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଛାତ୍ରସଂସଦ୍ ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛାତ୍ରସଂସଦ୍ ନିର୍ବାଚନ୍ ଶେଷ୍ ହେବାର୍ ଉତ୍‌ରୁ ଆଏଜ୍ ରାଜ୍ୟର୍ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ମାନ୍‌କେ ଶପଥ୍ ଗ୍ରହଣ୍

ସମାରୋହ ହେଇଯାଇଛେ । ସବୁ ଜାଗା ନ ସୁରୁଖୁରୁଥି ଶପଥ୍ ଗ୍ରହଣ୍ ସମାରୋହ କରାଯାଇଥିଲା । ଇଥିର୍‌ଲାଗି କର୍ତୃପକ୍ଷଙ୍କର୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଥିଲା ।

ଯୁବ ସଂଗମ୍ ଆଇ.ଆଣ୍ଡ୍.ପି.ଆର୍

ଏକ୍ ଭାରତ୍ - ଶ୍ରେଷ୍ଠ ଭାରତ୍ କାର୍ଯ୍ୟକ୍ରମ୍‌ର ଯୁବ ସଂଗମ୍ ୭ ନମ୍ବର୍ ଖେପ୍‌ଥି ଓଡ଼ିଶା ଆସିଥିବା ହିମାଚଲ୍ ପ୍ରଦେଶ୍‌ର ୫୦ ଝନିଆ ଛାତ୍ରଛାତ୍ରୀ ପ୍ରତିନିଧି ଦଲ୍ ଆଏଜ୍ ଭୁବ୍‌ନେଶ୍ୱର୍ ନ ରାଜ୍ୟର୍ ଶିଳ୍ପ ଦକ୍ଷତା ବିକାଶ୍ ଆଉ ବୈଷୟିକ୍ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟିକରି ଆଲୋଚନା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଛାତ୍ରଛାତ୍ରୀମାନ୍‌କୁ ଚାକିରୀ ଖୁଜ୍‌ବାର୍ ବଦ୍‌ଲେ ଉଦ୍ୟୋଗୀ ହେଇକରି ଅଲ୍‌ଗାମାନ୍‌କୁ ରୋଜ୍‌ଗାର୍ ଦେବାର୍‌କେ ପରାମର୍ଶ ଦେଇଛନ୍ । ଭିନ୍ ଭିନ୍ ରାଜ୍ୟର୍ ଯୁଆନ୍ ପିଲା ଟୁକେଲ୍‌ଙ୍କର୍ ଭିତ୍‌ରେ ଇ ରକ୍‌ମର୍ ଆଲୋଚନା ଆଉ ମିଲାମିଶା -ପାରସ୍ପରିକ୍ ବୁଝାମଣାକେ ମଜ୍‌ବୁତ୍ କର୍‌ସି ବଲି ମନ୍ତ୍ରୀ କହିଛନ୍ ।

ସେମିକଣ୍ଡକ୍ଟର୍ ମିଶନ୍          ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀକ ଜୀବନଥି ୨୫ ବଛର୍ ପୁରା କରିଛନ୍ । 'ଜନସେବାନୁ ଦେଶସେବା' ମନ୍ତ୍ରକେ ଆଧାର କରିକରି ତାଙ୍କର୍ ଇ ଜୟଯାତ୍ରା ଜାରି ରହିଛେ । 'ସେବା ଆଉ ସୁଶାସନ'ର ଇ ଦୃଷ୍ଟିକୋଣକେ ନେଇକରି ୨୦୪୭ ତକ୍ ବିକଶିତ ଭାରତ୍ ଗଠନ୍ର ଲକ୍ଷ୍ୟ ହାସଲ୍ ଦିଗେ ସର୍କାର୍ ଲଗାଏତ୍ କାମ୍ କରୁଛନ୍ । ସମାବେଶୀ ବିକାଶ୍ ଆଉ ସାମାଜିକ ସଶକ୍ତିକରଣ ଜରିଏ ଇ ଚେଷ୍ଟା ଜନଜୀବନଥି ପରିବର୍ତ୍ତନ୍ ଆନିଛେ । ଆମର୍ ଇ ଖାସ୍ ଶୃଙ୍ଖଳାଥି ଆଏଜ୍ ଶୁନ୍ମା 'ସେମିକଣ୍ଡକ୍ଟର୍ ମିଶନ୍' ବାବ୍ଦେ ।

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

୨୦୨୧ ମସିହା ବେଲ୍କେ ଯେତେବେଲେ ସାରା ପୁର୍ଥି ନ ଚିପ୍ ଅଭାବ୍ ଲାଗି କାର୍, କାର୍ଖାନା ଆର୍ ଇଲେକ୍ଟ୍ରୋନିକ୍ସ ଲାଇନ୍ ସବୁ ବନ୍ଦ୍ ହେଇଗଲା ଭାରତ୍ ଯୋଗାଣ ଶୃଙ୍ଖଳ ଉପ୍ରେ କେତେ ନିର୍ଭରଶୀଳ ଥିଲା ସେଟା ସାମ୍ନାକେ ଆସ୍ଲା । ପରିସ୍ଥିତିକେ ଆଏତ୍ କର୍ବାର୍ ଜରୁରୀ ଥିଲା । ଇତାର୍ ମୁକାବିଲା ଲାଗି ୨୦୨୧ ମସିହା ୨୧ ଡିସେମ୍ବର୍ ଦିନ ଭାରତ୍ ସର୍କାର୍ଙ୍କର୍ ତର୍ଫୁ ସେମିକନ

ଇଣ୍ଡିଆ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରାଯାଇଥିଲା । ୭୬ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ମୁଲ୍ ହେଇଥିବା ଇ କାର୍ଯ୍ୟକ୍ରମ୍ ଜରିଏ ନିର୍ମାଣ୍, ପେକେଜିଂ ଆଉ ଡିଜାଇନ୍ ସହେତେ ପୁରାପୁରି ଷ୍ଟାକ୍ ଦେଶ୍ ଭିତ୍‌ରେ ତିଆର୍ କର୍‌ବାର୍‌କେ ଯୋଜ୍‌ନା କରାଯାଇଥିଲା । ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ୍‌ଥି ଆଏଜ୍‌ତକ୍ ୧ ଲାଖ୍ ୬୦ ହଜାର୍ କୋଟି ଟଙ୍କାର୍ ୧୦ ଟା ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ସେଥିର୍ ଭିତ୍‌ରେ ନିର୍ମାଣ୍ ୟୁନିଟ୍ ଆଉ ୮ ଟା ପେକେଜିଂ ୟୁନିଟ୍ ରହିଛେ । ୧୦ ଟା ପ୍ରକଳ୍ପ ଭିତ୍‌ରୁ ୪ ଟା ପ୍ରକଳ୍ପ ନ ପାଇଲଟ୍ ପ୍ରକଳ୍ପ ହିସାବେ ଉତ୍ପାଦନ୍ ଭିଲ୍ ମୁଲ୍ ହେଲାନ । ଇ ସେମି କଣ୍ଡକ୍ଟର୍ କାର୍‌ଖାନାମାନେ ଗୁଜ୍‌ରାଟ୍, ଆସାମ୍, ଓଡ଼ିଶା ସହେତେ ଦେଶର୍ ଭିନ୍ ଭିନ୍ ଜାଗା ନ ଥାପ୍‌ନା କରାଯାଇଛେ । ଇ କାର୍‌ଖାନାମାନ୍‌କୁ ଗୁଟେ କ୍ଲଷ୍ଟର୍ ନ କେନ୍ଦ୍ରିତ୍ କରିକରି ରଖ୍‌ବାର୍ ବଦ୍‌ଲେ ଅଲଗ୍ ଅଲଗ୍ ଇଲାକା ନ ଥାପ୍‌ନା କରାଯାଇଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଚିପ୍ ଅଭାବ୍ ବେଲ୍‌କେ ଦେଖାଦେଇଥିବା ସମସ୍ୟାକେ ଶିଳ୍ପ
ଯୋଜ୍‌ନାଥି ରୂପାନ୍ତରିତ୍ କରାଯାଇକରି ସେମିକଣ୍ଡକ୍ଟର୍ ଶିଳ୍ପ

ଥାପ୍ନା କରାଗଲା । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ଆଂଚଲିକ୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।

ନବରାତ୍ରୀ ପୂଜାର୍ଚ୍ଚନା ଆର୍‌ଏନ୍‌ୟୁ/ ସମ୍ବଲପୁର

ନବରାତ୍ରିର ୬ ନମ୍ବର୍ ଦିନେ ଆଏଜ୍ ଭିନ୍ ଭିନ୍ ଶକ୍ତିପୀଠ ନ ରୀତିନୀତିଥି ପୂଜାର୍ଚ୍ଚନା ସହେତେ ମାଆଙ୍କୁ କାତ୍ୟାୟନୀ ବେଶଥି ପୂଜା କରାଯାଉଛେ । ଦେବୀ ସିଂହବାହନଥି ବିରାଜ୍‌ମାନ୍ କର୍‌ସନ୍ । ମାଆଙ୍କର୍ ହାତେ ଦିବ୍ୟ ଅସ୍ତ୍ରଶସ୍ତ୍ର ଶୋଭା ପାଏସି ।

ପୌରାଣିକ ମତ ଅନ୍‌ସାରେ ମହିଷାସୁର ନାଁର୍ ଅସୁରର୍ ଅତ୍ୟାଚାର୍‌ଥି ଦେବତାମାନେ ଅତିଷ୍ଠ ହେଇପଡ଼ିଥିଲେ । ତା'ର ବିନାଶ୍ ଲାଗି ଦେବତାମାନ୍‌କର୍ ତେଜନୁ ଆଦିଶକ୍ତି ଦୁର୍ଗାଙ୍କର୍ ଆବିର୍ଭାବ ହେଇଥିଲା । ମହର୍ଷି କାତ୍ୟାୟନଙ୍କର ଆଶ୍ରମ୍ ନ ଦେବୀଙ୍କର୍ ପୂଜା ହେଇଥିବାର୍‌ନୁ ମା'ଙ୍କୁ କାତ୍ୟାୟିନୀ କୁହାଯାଏସି । ମା' ମହିଷାସୁର ସାଙ୍ଗେ ଯୁଦ୍ଧ କରିକରି ତା'ର୍ ବିନାଶ୍ କର୍‌ବାର୍ ସହେତେ ଦେବତାମାନ୍‌କୁ ଅସୁରର୍ ଅତ୍ୟାଚାର୍‌ନୁ ମୁକ୍ତ କରିଥିଲେ ।

ରାଜ୍ୟ ଔଷଧ ନିୟନ୍ତ୍ରଣ୍ ନିର୍ଦ୍ଦେଶାଳୟ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଉଷୋ କଷାର୍ ଅପବ୍ୟବହାର୍ ଆଉ ବେଆଇନ୍ ବିକ୍ରିବଟାକେ ଆଏତ୍ କର୍‌ବାର୍ ଲାଗି ରାଜ୍ୟ ଔଷଧ ନିୟନ୍ତ୍ରଣ୍ ନିର୍ଦ୍ଦେଶାଳୟ ତର୍‌ଫୁ ଗଲା ୧ ନୁ ୧୫ ତାରିଖ୍‌ତକ୍ ଚଢ଼ଉ ଅଭିଯାନ୍ ଚାଲିଥିଲା । ଅଭିଯାନ୍‌ଥି ୧ ହଜାର୍ ଶହେ ୫୫ ଟା ଉଷୋ ବ୍ୟବସାୟ ପ୍ରତିଷ୍ଠାନ୍ ନ ଚଢ଼ଉ କରାଯାଇଥିଲା । ସେଥିର୍ ଭିତ୍‌ରୁ ୧୫ ଟା ବେଆଇନ୍ ପ୍ରତିଷ୍ଠାନ୍ ନୁ ୨୨ ଲାଖ୍ ନୁ ଅଏତ୍‌କା ଟଙ୍କାର୍ ଉଷୋକଷା ଆଉ ମେଡ଼ିକାଲ୍ ଉପକରଣ୍ ଜବତ୍ କରାଯାଇଛେ ବଲି ନିର୍ଦ୍ଦେଶାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନିଶାମୁକ୍ତ ଭାରତ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ନ ନିଶାମୁକ୍ତ ଭାରତ୍ ଗଠନ୍ ଉଦ୍ଦେଶ୍‌ଥି ଗୁଟେ ସଚେତନତା ରେଲି ହେଇଯାଇଛେ । ଗାନ୍ଧୀ ଛକ୍‌ନୁ ମୁଲ୍

ହେଇଥିବା ଇ ରେଲିଥି ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଉତରାଂଚଲ୍ ଡି.ଆଇ.ଜି. ଚରନ୍ ସିଂ ମୀନା ଆର୍ ଆରକ୍ଷୀ ଅଧୀକ୍ଷକ ରବିନ୍ଦ୍ର କୁମାର୍ ଶତ୍ପଥୀଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇକରି ଗୁଟେ ସୁସ୍ଥ ସମାଜ୍ ଲାଗି ନିଶାମୁକ୍ତ ଭାରତ୍ ଗଠନ୍ ଦିଗେ ଆଗ୍‌କେୟିବାର୍‌କେ ୟୁବପିଢ଼ିଙ୍କୁ ଆହ୍ୱାନ୍ ଦେଇଛନ୍ । ନିଶା କାର୍‌ବାର୍‌କେ ପୁରା ରୁକ୍‌ବାର୍ ଲାଗି ସାମୟିକ ଚେଷ୍ଟା ଦର୍‌କାର୍ ବଲି ଡି.ଆଇ.ଜି. ଶ୍ରୀ ମୀନା ଇ ଅବ୍‌ସରେ କହିଛନ୍ ।

ମହକ ଓ ଉତ୍ସାହ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ 'ମହକ୍ ଆଉ ଉତ୍ସାହ' ହେଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପଧାନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଛୁଆମାନେ ଅନୁଶାସନ୍ ଆଉ ପରମ୍ପରାକେ ଅନୁସରଣ୍ କର୍‌ବାର୍ ସହେତେ ସମୟନୁବର୍ତୀ ହେବାର୍ ଲାଗି ପରାମର୍ଶ ଦେଇଛନ୍ ।

ଆଇନ ସଚେତନତା ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ଜହ୍ନାପଙ୍କ ସର୍‌କାରୀ ଉଚ୍ଚବିଦ୍ୟାଳୟ ପରିସର୍ ନ ଗୁଟେ ବହୁମୁଖୀ ଆଇନ୍ ସଚେତନତା ଶିବିର୍ ହେଇଯାଇଛେ । ଆଇନ୍ ସହାୟତା ଯୋଜ୍‌ନା, ଜନସେବା ଅଦାଲତ୍, ରାଷ୍ଟ୍ରୀୟ ଏକତା ଆଉ ଛାତ୍ର ଆଇନ୍ ସାକ୍ଷରତା ବାବ୍‌ଦେ ଜନସାଧାରଣ୍ ଆଉ ଛାତ୍ରଛାତ୍ରୀଙ୍କୁ ସଚେତନ୍ କରାବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୁଖ୍ୟ ଉଦ୍ଦେଶ୍ୟ ବଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ସଚିବ କହିଛନ୍ । ଇ ସଚେତନତା ସଭାଥି ବିପର୍ଯ୍ୟୟ ପୀଡ଼ିତ ଲୁକ୍‌କୁ ଆଇନ୍ ସହାୟତା, ରିଲିଫ୍ ଆଉ ନୁକ୍‌ସାନ୍ ଯୁଗାବାର୍ ବାବ୍‌ଦେ ଆଲୋଚନା ହେଇଥିଲା ।

କଲାହାଣ୍ଡି ଲେଖକ-ଅନ୍ତର୍ଜାତୀୟ ସମ୍ମିଳନୀ ଏକ୍ସ

ନୂଆଦିଲ୍ଲୀ ନ ଚାଲିଥିବା ଭାରତ୍ କଲ୍‌ଚରାଲ୍ କନେକ୍ସନ୍ ଏକ୍ରସ୍ ଦ ଗ୍ଲୋବ୍- ଶୀର୍ଷକ୍ ଅନ୍ତର୍ଜାତୀୟ ସମ୍ମିଳନୀଥି କଲାହାଣ୍ଡିର୍ ଯୁବ

ଲେଖକ ଆଉ ଗବେଷକ ସୁଧୀର୍ କୁମାର୍ ଧଙ୍ଗଡ଼ାମାଝୀ ତାଙ୍କର୍ ଗବେଷଣା ପତ୍ର ଉପସ୍ଥାପନ୍ କର୍‌ବେ । ଇଥିର୍‌ଲାଗି ସମ୍ମିଲନୀ ତର୍‌ଫୁ ତାଙ୍କୁ ନିମନ୍ତ୍ରଣ୍ କରାଯାଇଛେ । ସୁଧୀର୍‌ଙ୍କର୍ ଇ ସଫଲତା ଲାଗି ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ବିଶ୍ୱ ଖାଦ୍ୟ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ସମସ୍ତଙ୍କର୍ ଲାଗି ଖାଦ୍ୟ ନିରାପତାର୍ ଗୁରୁତ୍ୱକେ ଉପଲବ୍ଧି କରିକରି ଫି’ ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ଖାଦ୍ୟ ଦିବସ୍ ଭାବେ ପାଲନ୍ କରାଯାଉଛେ । କ୍ଷୁଧା ନିବାରଣ୍‌କେ ନଜର୍‌ଥି ରଖିକରି ସର୍‌କାରୀସ୍ତର୍‌ଥି ନିଆଯାଇଥିବାର୍ ବହୁତ୍‌ଟେ ପଦକ୍ଷେପ୍ ବାବ୍‌ଦେ ଜନସଚେତନତା ବଢ଼ାବାର୍ ଇ ଦିବସ୍‌ର ଉଦ୍ଦେଶ୍ ଆଏ । ବିଶ୍ୱ ଖାଦ୍ୟ ଦିବସ୍‌ର ଇ ବଛ୍‌ରର୍ ବାର୍ତା ରଖାଯାଇଛେ ‘ଆଏଜ୍ ନୂତନତ୍ୱ ଆନିକରି- ଆଏବା କାଏଲ୍‌କେ ସମୃଦ୍ଧ କର୍‌ମା’ । ଖାଏବାର୍ ଦରବ୍ ନୁକ୍‌ସାନ୍ କର୍‌ବାର୍ ଦିଗେ ସାମୂହିକ୍ ଚେଷ୍ଟା ଆର୍ ଗୁଟେ ସୁସ୍ଥ ସମୃଦ୍ଧ ଓଡ଼ିଶା ଗଠନ୍‌ଥି ନାଗରିକ୍‌ମାନ୍‌କୁ ସକ୍ରିୟ ଯୋଗଦାନ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍

ଦେଇଛନ୍ । ପୁଷ୍ଟିକର ଖାଦ୍ୟ ଯୁଗାବାର୍ ଆଉ ରାଜ୍ୟନୁ ଅପପୁଷ୍ଟିକେ ପୁରା ଦୂର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ଶ୍ରୀ ମାଝୀ କହିଛନ୍ ।

ଫୁଟବଲ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ନ ଚାଲିଥିବା ପହେଲା ଓଡ଼ିଶା ରାଜ୍ୟସ୍ତରୀୟ ୧୪ ବଛର୍‌ନୁ କମ୍ ବାଲକ ବିଦ୍ୟାଳୟ ସମୂହ ଫୁଟ୍‌ବଲ୍ ପ୍ରତିଯୋଗିତାର୍ ଫାଇନାଲ୍‌ଥି ସୁନ୍ଦର୍‌ଗଡ଼୍ ଦଲ୍ ଚମ୍ପିଆନ୍ ହେଇଛେ । ଗାନ୍ଧୀ ଷ୍ଟାଡ଼ିୟମ୍ ନ ହେଇଥିବା ଫାଇନାଲ୍‌ଥି ସୁନ୍ଦର୍‌ଗଡ଼୍ ଆଉ ସମ୍ବଲ୍‌ପୁର୍ ଦଲ୍ ୧/୧ ଗୋଲ୍‌ଥି ଅପରାଜିତ ରହେବାର୍ ଉତ୍‌ରୁ ଟାଇବ୍ରେକର ଜରିଏ ୧-୦ ଗୋଲ୍‌ଥି ସୁନ୍ଦର୍‌ଗଡ଼୍ ଦଲ୍ ଜିତିଛେ । ଉଦ୍‌ଯାପନୀ ସମାରୋହଥି ଜିଲ୍ଲାପାଲ୍ ଦେବାଶିଷ ସିଂ ଆଉ ଆରକ୍ଷୀ ଅଧିକ୍ଷକ ନାରାୟଣ୍ ନାଏକ୍ ଚମ୍ପିଆନ୍ ଆଉ ରନର୍ସଅପ୍ ଦଲ୍‌କେ ଟ୍ରଫି ଦେଇକରି ପୁରସ୍କୃତ୍ କରିଛନ୍ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଇ ମାସର୍ ଶେଷ୍ ହପ୍ତାଆଡ଼େ ବଙ୍ଗୋପ୍ ସାଗର୍ ନ ୨ ଟା ଲଘୁଚାପ୍ ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ପୂର୍ବାନୁମାନ୍ କରାଯାଇଛେ । ସେଆଡ଼େ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶ୍ନୁ ଫିରିଯାଇଛେ । ଇତାର୍ ପ୍ରଭାବ୍ଥି କେତେଟା ଜାଗା ନ ହାଲ୍କାନୁ ମଧ୍ୟମ୍ ଧରଣ୍ର ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍ରେ ୧୦ ଟା ଜିଲ୍ଲା ନ ବିଜ୍ଲି, ଘଡ଼ଘଡ଼ି ସହେତେ ବର୍ଷା ହେଇପାରେ ବଲି ସତର୍କ ସୂଚ୍ନା ଜାରି କରାଯାଇଛେ ।